ଧରିତ୍ରୀ | ରବିବାର ୮ ଫେବୃୟାରୀ | ୨୦୧୫

# ଜଳ ସମ୍ପଦ ସଚିବଙ୍କ ରାୟଗଡା ଗସ୍ତ



ଶାସନ ସଚିବ ଶଙ୍କରଡା ନିକଟସ୍ଥ ବାହାର୍ସିପିଲି ଚେକ୍‌ଡ୍ୟାମ୍ ପରିଦର୍ଶନ ପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ରାୟଗଡା ଅଫିସ୍, ୭।୨– ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ ଜେନା ଦୁଇ ଦିନିଆ ରାୟଗଡା ଗସ୍ତରେ ଆସି ଫେରି ଯାଇଛନ୍ତି । ସେ କ୍ଷୁଦ୍ର ଜଳ ସମ୍ପଦ ବିଭାଗର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ମାଓବାଦୀ ପ୍ରବଣ କଲ୍ୟାଣସିଂହପୁର ବ୍ଲକ୍‌ରେ ନିର୍ମାଣାଧୀନ କଲ୍ୟାଣୀ ଏମ୍ଆଇପି, ନାରାୟଣପୁର ଏମ୍ଆଇପି, କାଶୀପୁର ବ୍ଲକ୍ ଶଙ୍କରଡା ନିକଟସ୍ଥ ବାହାର୍ସିପିଲି ଚେକ୍‌ଡ୍ୟାମ୍ ପରିଦର୍ଶନ କରିଥିଲେ । ଏହି ଅବସରରେ ଓଡ଼ିଶା ଗୋଷ୍ଠୀ ଜଳାଶୟ ପରିଚାଳନା ପ୍ରକଳ୍ପ ମାଧ୍ୟମରେ ନିର୍ମାଣାଧୀନ ନାରାୟଣପୁର ପ୍ରକଳ୍ପ ଅଞ୍ଚଳର ଏକ ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ ମା' ବାଙ୍ଗରାମ୍ମା ପାଣି ପଞ୍ଚାୟତ, ଜୟ ଜଗନ୍ନାଥ ପାଣି ପଞ୍ଚାୟତ, ବିନିଶପୁର ପାଣି ପଞ୍ଚାୟତର ସମସ୍ତ କର୍ମକର୍ତ୍ତା, ସଭ୍ୟାସଭ୍ୟା, ଅଗ୍ରଣୀ ମହିଳା ଚାଷୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚାଷୀମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି କ୍ଷୁଦ୍ର ଜଳସମ୍ପଦ ପ୍ରକଳ୍ପରେ ପଟୁମାଟି ଉଦ୍ଧାର, ଗାର୍ଡୱାଲ, ଅତିରିକ୍ତ ସେଚ ବା ଆଉଟ୍‌ଲେଟ୍, ସଂଯୋଗୀକରଣ ସେତୁ ଇତ୍ୟାଦି ନିର୍ମାଣ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ ଇଂ. ଜାନକୀବଲ୍ଲଭ ମହାପାତ୍ର, ମୁଖ୍ୟଯନ୍ତ୍ରୀ ଇଂ. ସୁରେଶ ଜୈନ, ଓସିପି ଏମ୍‌ଡି ବି.ମହାନ୍ତି, ଜୟପୁର ମଣ୍ଡଳ ଅଧିକ୍ଷଣ ଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜୀ, ରାୟଗଡା ବିଭାଜନର ନିର୍ବାହୀଯନ୍ତ୍ରୀ କନ୍ଦର୍ପ ପ୍ରଧାନ, ଉପରକୋଲାବ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଇଂ. ଏମ୍. ଆର୍ ଶୁକ୍ଳାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ, ଓଡ଼ିଶା ଗୋଷ୍ଠୀ ଜଳାଶୟ ପରିଚାଳନା ପ୍ରକଳ୍ପର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶୁକ୍ରବାର ସନ୍ଧ୍ୟାରେ ରାୟଗଡା ଜିଲାପାଳ ଡା. ଶଶିଭୂଷଣ ପାଢ଼ୀ ଓ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ବେହେରାଙ୍କ ସହ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ ଜମି ଅଧିଗ୍ରହଣ ବିଷୟରେ ଶାସନ ସଚିବ ଜେନା ଆଲୋଚନା କରିଥିଲେ।